# ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ , କେନ୍ଦ୍ରାପଡ଼ା

ନମ୍ବର.......୪୨୪.......... ।।/ତାରିଖ.......୧୮.୦୩.୨୦୨୬

ଏତ ଦ୍ୱାରା କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ଗ୍ରା:ପ ଅଧିନସ୍ଥ ଗ୍ରାମ ଗୁଡିକର ଖାଲି ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡ଼ିଏସ ) ଖୁଚୁରା ବିକ୍ରୟ କେନ୍ଦ୍ର ପରିଚାଳନା ନିମନ୍ତେ ଯୋଗ୍ୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ରମିକ ନଂ | ଗ୍ରାମ ପଞ୍ଚାୟତର ନାମ | ଗ୍ରାମର ନାମ | ଖାଲି ଥିବା ବିକ୍ରୟ କେନ୍ଦ୍ରର ନାମ | ମନ୍ତବ୍ୟ |
|---|---|---|---|---|
| ୦୧ | ବାରୋ | ଇଟିପୁର | ଇଟିପୁର | |
| ୦୨ | ଚନ୍ଦନପୁର | ଚମ୍ପାଲଶାସନ | ଚମ୍ପାଲଶାସନ | |
| ୦୩ | ସାନମାଣଟିଆ | ସାନମାଣଟିଆ | ସାନମାଣଟିଆ | |
| ୦୪ | ନିକିରାଇ | ପାଇକରାପୁର | ପାଇକରାପୁର | |
| ୦୫ | ଯମଧର | ପାଣ୍ଡିରି | ପାଣ୍ଡିରି | |

ଏଣୁ ଉପରୋକ୍ତ ଖୁଚୁରା ବିକ୍ରୟ କେନ୍ଦ୍ର ପରିଚାଳନା ନିମନ୍ତେ ଆଗ୍ରହୀ ସ୍ୱୟଂ ସହାୟିକା ଗୋଷ୍ଠୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ( ଇ.ଓ.ଆଇ ଫର୍ମ )ରେ ଆବଶ୍ୟକ କାଗଜ ପତ୍ର ସଲଗ୍ନ କରି ବନ୍ଦ ମୁଦା ଲଫାପାରେ ଶିଶୁ ବିକାଶ ଅଧିକାରୀ କେନ୍ଦ୍ରାପଡ଼ାଙ୍କ **କାର୍ଯ୍ୟାଳୟ ରେ ତା – ୧୮-୦୩-୨୦୨୬ ରିଖ ଠାରୁ ତା- ୨୪-୦୩-୨୦୨୬ ରିଖ** ପ୍ରତ୍ୟେକ କାର୍ଯ୍ୟ ଦିବସରେ ସକାଳ ୧୦.୩୦ ଘ ରୁ ଅପରାହ୍ନ ୪.୩୦ ଘ ମଧ୍ୟରେ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ , ଭୁବନେଶ୍ୱର , ଓଡ଼ିଶାଙ୍କ ପତ୍ର ସଂଖ୍ୟା ୧୪୬୩୨ , ତା ୨୧. ୦୯.୨୦୧୯ ରିଖ ଅନୁସାରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ଖୁଚୁରା ବିକ୍ରେତା ହେବା ନିମନ୍ତେ ଅଗ୍ରାଧିକାର ଭିତ୍ତିରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସନନ୍ଦ ପତ୍ର ପ୍ରଦାନ କରାଯିବ।

ଆବଶ୍ୟକ ଯୋଗ୍ୟତା :-

କ -ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପୃକ୍ତ ଗ୍ରାମ ସ୍ତରୀୟ ମହାସଂଘ ରେ ଅନ୍ତର୍ଭୁକ୍ତ ହୋଇଥିବା ଆବଶ୍ୟକ ( ବର୍ତ୍ତମାନ ଯାଏ ଦେୟ ପଇଠ କରିଥିବେ )

୨ । ସ୍ୱୟଂ ସହାୟିକା ଗୋଷ୍ଠୀ ସାଧାରଣ ବଣ୍ଟନ ବ୍ୟବସ୍ଥା ଡିଲରଶିପ ପରିଚାଳନା ନିମନ୍ତେ ଆଗ୍ରହୀ ଥିବେ ଏବଂ ପୂର୍ବରୁ କୌଣସି ଆର୍ଥିକ କାରବାର କରିଥିବାର ଅଭିଜ୍ଞତା ଥିବ ।

୩. ସନନ୍ଦ ପତ୍ରଧାରୀ ନିଶ୍ଚୟ ଇ -ପି ଓ ଏସ ମେସିନ ବ୍ୟବହାର କରିବେ ଏବଂ ଇ -ପି ଓ ଏସ ମେସିନ ଦ୍ୱାରା ସମସ୍ତ ବଣ୍ଟନ କାର୍ଯ୍ୟ ସନନ୍ଦ ନିୟମାବଳୀ ଅନୁଯାୟୀ ପରିଚାଳନା କରିବେ ।

୪. ସ୍ୱୟଂ ସହୟିକା ଗୋଷ୍ଠୀ ସମସ୍ତ ସଦସ୍ୟାଙ୍କ ବୟସ ବିଜ୍ଞପ୍ତି ତାରିଖ ପର୍ଯ୍ୟନ୍ତ ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ।

୫. ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ଠାରୁ ବିଜ୍ଞପ୍ତି ତାରିଖ ପର୍ଯ୍ୟନ୍ତ ଅତି କମରେ ୨ ବର୍ଷ ପୁରଣ ହେଉଥିବ

୬. ମନୋନୀତ ସ୍ୱୟଂ ସହାୟିକା ଗୋଷ୍ଠୀ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ ହେବାକୁ ହେଲେ ସେମାନଙ୍କୁ ଉକ୍ତ ସେଣ୍ଟର ନିମନ୍ତେ ଉଦ୍ଦିଷ୍ଟ ଗୋଟିଏ ମାସର ଖାଉଟି ସାମଗ୍ରୀର ବଜାର ମୂଲ୍ୟ ଅନୁଯାୟୀ ଅର୍ଥ ଅଗ୍ରୀମ ବ୍ୟାଙ୍କ ଗ୍ୟାରେଣ୍ଟି ହିସାବରେ ଉପ ଜିଲ୍ଲାପାଳଙ୍କ ନାମରେ ଦାଖଲ କରିବେ ।

୪୪

୭.    ସ୍ୱୟଂ ସହାୟିକା ଗୋଷ୍ଠୀ ସାଧାରଣ ବଣ୍ଟନ ବ୍ୟବସ୍ଥା ( ପି ଡି ଏସ ) କେନ୍ଦ୍ର ଅବସ୍ଥିତ ଗ୍ରା. ପଂ ର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୮.    ସ୍ୱୟଂ ସହାୟିକା ଗୋଷ୍ଠୀର ସକ୍ରିୟ ବ୍ୟାଙ୍କ ଜମା ଖାତା ସହ ନିୟମିତ ସଞ୍ଚୟ ହେଉଥିବା ଆବଶ୍ୟକ ।

୯.    ସ୍ୱୟଂ ସହାୟିକା ଗୋଷ୍ଠୀ ନିଶ୍ଚିତ ରୂପେ ଆବଶ୍ୟକ ସମସ୍ତ ନଥି ପତ୍ର ଯଥା – ବୈଠକ ଖାତା , କ୍ୟାସ ବୁକ , ସଞ୍ଚୟ ଓ ଋଣ ନେଣ ଦେଣ ଆଦିର ସଠିକ ଢଙ୍ଗରେ ଆବେଦନ ତାରିଖ ପର୍ଯ୍ୟନ୍ତ ଲେଖା ହୋଇଥିବ ।

୧୦।    ମାସିକ ଖାଦ୍ୟ ଶସ୍ୟ ଗଚ୍ଛିତ ନିମନ୍ତେ ସ୍ୱୟଂ ସହାୟିକା ଗୋଷ୍ଠୀର ନିଜସ୍ୱ କିମ୍ବା ଭଡା ସୂତ୍ରରେ ଗୋଦାମ ଗୃହ ଥିବା ଆବଶ୍ୟକ । ଉକ୍ତ ଗୋଦାମ ଗୃହକୁ ଚାରିଚକିଆ ଯାନବାହାନ ଚଳାଚଳ ସହିତ ହିତାଧିକାରୀ ମାନଙ୍କ ଗମନାଗମନ ନିମନ୍ତେ ଉତ୍ତମ ରାସ୍ତା ର ବ୍ୟବସ୍ଥା ଥିବା ଦରକାର ।

୧୧।    ସମ୍ପୃକ୍ତ କେନ୍ଦ୍ରଟି ବିଦ୍ୟୁତ ସଂଯୋଗୀକରଣ ହୋଇଥିବା ବିଧେୟ ଏବଂ ଏଥି ସହ ଇଂଟରନେଟର ସୁବିଧା ଥିବା ଆବଶ୍ୟକ , ଯଦ୍ୱାରା କି ଭବିଷ୍ୟତରେ ଖୁଚୁରା ବିକ୍ରୟ କେନ୍ଦ୍ର ପରିଚାଳନା ନିମନ୍ତେ ଯୋଗ୍ୟ ବିବେଚିତ ହେଲେ ବୈଷୟିକ ସାମଗ୍ରୀ ଯଥା :- ଇ -ପି ଓ ଏସ ମେସିନ , ଲ୍ୟାପଟପ ,ଡେସ୍କଟପ ଓ ପ୍ରିଣ୍ଟର୍ ପରିଚାଳନା ସହଜ ସାଧ୍ୟ ହେବ ।

୧୨.    ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ମଧ୍ୟରୁ କେହି ଜଣେ ଉକ୍ତ ଯାନ୍ତ୍ରିକ ପରିଚାଳନା ଦକ୍ଷତା ସମ୍ପର୍ଣ୍ଣ ହୋଇଥିବା ଆବଶ୍ୟକ ।

୧୩ .    ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା କିମ୍ବା ସେମାନଙ୍କ ପରିବାର ର କୌଣସି ବ୍ୟକ୍ତି ବ୍ୟବସାୟିକ ସ୍ୱାର୍ଥ କିମ୍ବା ସାଧାରଣ ବଣ୍ଟନ ପ୍ରକ୍ରିୟା ପଦାର୍ଥ ଯଥା :- ଚାଉଳ , ଚିନି, ଗହମ ଓ କିରୋସିନି ଜଡ଼ିତ ନଥିବେ ଓ କୌଣସି ସାଧାରଣ ବଣ୍ଟନ ପ୍ରକ୍ରିୟା ଯାଞ୍ଚ କମିଟି ,ଉପଦେଷ୍ଟା କମିଟି କିମ୍ବା ଅନ୍ୟ ବଣ୍ଟନ ବ୍ୟବସ୍ଥା ପର୍ଯ୍ୟବେକ୍ଷଣ କମିଟିର ସଦସ୍ୟ ନ ଥିବେ କିମ୍ବା ତାଙ୍କର କୌଣସି ପରିବାର ସଦସ୍ୟ ରାଜନୈତିକ ପଦ ପଦବୀରେ ନିର୍ବାଚିତ ହୋଇନଥିବେ , ଏଥି ପାଇଁ ପାର୍ଥୀ ଅଙ୍ଗୀକାର ପତ୍ର ( Undertaking ) ପ୍ରଦାନ କରିବେ ।

୧୪.    ସ୍ୱୟଂ ସହାୟିକା ଗୋଷ୍ଠୀର ଯେଉଁ ସଦସ୍ୟା ଙ୍କ ନାମରେ ଲାଇସେନ୍ସ ପ୍ରଦାନ କରାଯିବ , ସେ କୌଣସି ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ନଥିବେ ।

୧୫. ସ୍ୱୟଂ ସହାୟିକା ଗୋଷ୍ଠୀର ପୂର୍ବରୁ ଯଦି କୌଣସି ଖୁଚୁରା ବିକ୍ରେତା ନିମନ୍ତେ ନିଯୁକ୍ତି ହୋଇଥିବେ ଏବଂ ତାଙ୍କର ସନନ୍ଦ କଳା ବଜାରୀ **କାର୍ଯ୍ୟକଳାପ ପାଇଁ ରଦ୍ଦ ହୋଇନଥିବ** କିମ୍ବା କୌଣସି ସରକରୀ ଅର୍ଥ ଆତ୍ମସାତ ରେ ଦୋଷୀ ସାବ୍ୟସ୍ତ ହୋଇନଥିବେ ।

୧୬.    ଯଦି ଗୋଟିଏ ଖୁଚୁରା ବିକ୍ରୟ କେନ୍ଦ୍ର ନିମନ୍ତେ ଦୁଇ କିମ୍ବା ତତୁର୍ଦ୍ଧ ସ୍ୱୟଂ ସହାୟିକା ଗୋଷ୍ଠୀ ଆବେଦନ କରନ୍ତି ସର୍ବଶ୍ରେଷ୍ଠ ଗ୍ରେଡେଡ ସ୍ୱୟଂ ସହାୟିକା ଗୋଷ୍ଠୀକୁ ସନନ୍ଦ ପତ୍ର ପ୍ରଦାନ ନିମନ୍ତେ ଚୟନ ସମୟରେ ପ୍ରାଧାନ୍ୟ ଦେବା ବିଧେୟ ଅଟେ।

**ଆବେଦନ ପତ୍ର ସହିତ ନିମ୍ନଲିଖିତ ନଥି ପତ୍ର ସଲଗ୍ନ କରିବା ବାଧ୍ୟତା ମୂଳକ ଅଟେ ।**

- ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦକ , ସଭାନେତ୍ରୀ /ସଭାପତିଙ୍କର ବର୍ତ୍ତମାନର ୪ ଗୋଟି ରଙ୍ଗୀନ ପାସ ପୋର୍ଟ ସାଇଜ୍ ଫଟୋ ।
- ସ୍ୱୟଂ ସହାୟିକା ଗୋଷ୍ଠୀର ସାଧାରଣ ବଣ୍ଟନ କାର୍ଯ୍ୟ ନିମନ୍ତେ ଆଗ୍ରହୀ ରିଜୋଲ୍ୟୁସନ୍ ର ଅନୁପ୍ରମାଣିତ ଅବିକଳ ନକଲ ।
- **ସ୍ୱୟଂ ସହାୟିକା** ଗୋଷ୍ଠୀର ଗ୍ରେଡେସନ ତାଲିକାର ଅନୁପ୍ରମାଣିତ ଅବିକଳ ନକଲ ।
- ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦକ , ସଭାନେତ୍ରୀ /ସମ୍ପାଦିକାଙ୍କର ଶିକ୍ଷାଗତ ଯୋଗ୍ୟତା /ଆଧାର କାର୍ଡ /ପ୍ୟାନ କାର୍ଡ ର ଅନୁପ୍ରମାଣିତ ଅବିକଳ ନକଲ ।
- **କ୍ର.ନଂ ୩,୪,୧୩,୧୪ ଓ ୧୫ ର ସମସ୍ତ ନିର୍ଦ୍ଦେଶାବଳୀ ଓ ସର୍ତ୍ତାବଳୀ ନିମନ୍ତେ ଅଙ୍ଗୀକାର ପତ୍ର ।**
- ସ୍ୱୟଂ ସହାୟିକା ଗୋଷ୍ଠୀର ରେଜିଷ୍ଟ୍ରେସନର ଅନୁପ୍ରମାଣିତ ଅବିକଳ ନକଲ ।
- ସ୍ୱୟଂ ସହାୟିକା ଗୋଷ୍ଠୀର ବ୍ୟାଙ୍କ ପାସବୁକ (ପ୍ରଥମ ଓ ଶେଷ ପୃଷ୍ଠା )ର ଅନୁପ୍ରାଣିତ ଅବିକଳ ନକଲ ।
- ସ୍ୱୟଂ ସହାୟିକା ଗୋଷ୍ଠୀର ଗଠନ ସମୟର ପ୍ରଥମ ରିଜୋଲ୍ୟୁସନ୍ ଏବଂ ବର୍ତ୍ତମାନ ସମୟର ରିଜୋଲ୍ୟୁସନ୍ ର ଅନୁପ୍ରମାଣିତ ଅବିକଳ ନକଲ ।

- ସ୍ୱୟଂ ସହାୟିକା ଗୋଷ୍ଠୀର କ୍ୟାସବୁକର ଶେଷ ପୃଷ୍ଠାର ଅନୁପ୍ରମାଣିତ ନକଲ ।
- ନିଜସ୍ୱ କିମ୍ବା ଭଡା ସୂତ୍ର ରେ ଆଣିଥିବା ଗୋଦାମ ଗୃହର ପ୍ଲଟ ନମ୍ବର ଓ ଖାତା ନମ୍ବର ସହିତ ଭଡା ସୂତ୍ର ରେ ଆଣିଥିବା ଗୋଦାମ ନିମନ୍ତେ ଗୋଦାମ ମାଲିକଙ୍କ ସହ ଚୁକ୍ତି ନାମା ସମ୍ବନ୍ଧୀୟ କାଗଜ ପତ୍ରର ଅନୁପ୍ରମାଣିତ ଅବିକଳ ନକଲ ।
- ଗୋଦାମ ଗୃହର ଅବସ୍ଥିତି ଓ କ୍ଷମତା ଏବଂ ଗୋଦାମକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥିତି ସମ୍ପର୍କିତ ସୂଚନା ସମ୍ବନ୍ଧିତ ନଥିପତ୍ର ର ଅବିକଳ ନକଲ ।

ଉପରୋକ୍ତ ସମସ୍ତ ତଥ୍ୟର ଅବିକଳ ପ୍ରମାଣପତ୍ର ଆବେଦନ ପତ୍ର ସହ ସଲଗ୍ନ କରିବେ। ଅସମ୍ପୂର୍ଣ ଆବେଦନ ପତ୍ର କିମ୍ବା ଧାର୍ଯ୍ୟ ତାରିଖ ପରେ ଗ୍ରହଣ ହୋଇଥିବା ଆବେଦନ ପତ୍ର ନାକଚ କରାଯିବ । ଉପ-ଜିଲ୍ଲାପାଳ ତଥା ସନନ୍ଦ ପତ୍ର ଅଧିକାରୀ ଯେକୌଣସି ମୂହୁର୍ତ୍ତରେ କୌଣସି କାରଣ ନ ଦର୍ଶାଇ ଯୋଗ୍ୟ ବିବେଚିତ ପ୍ରାର୍ଥୀ ଙ୍କ ସନନ୍ଦ ପତ୍ର ରଦ୍ଦ କରିପାରିବେ ।

୧୮.୦୩.୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା .. ୪୨୪ /ତା ୧୮.୦୩.୨୦୨୫

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

୧୮.୦୩.୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
କେନ୍ଦ୍ରାପଡ଼ା

ଏହାର ଏକକିତା ନକଲ ଯୋଗାଣ ନିରିକ୍ଷକ, କେନ୍ଦ୍ରାପଡ଼ାଙ୍କୁ ପ୍ରେରଣ କରାଗଲା ଓ ତାଙ୍କୁ ଅନୁରୋଧ କରାଗଲା ଯେ ସେ ସମ୍ପୃକ୍ତ ପଂଚାୟତ ସମିତି ର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଠାରୁ ପ୍ରାପ୍ତି ପତ୍ର ର ଏକ କିତା ନକଲ ଉକ୍ତ କାର୍ଯ୍ୟାଳୟକୁ ପ୍ରଦାନ କରିବେ ।

୧୮.୦୩.୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା .. ୪୨୫ /ତା ୧୮.୦୩.୨୦୨୫

ଏହାର ଏକକିତା ନକଲ ମଣ୍ଡଳ ଉନ୍ନୟନ ଅଧିକାରୀ, କେନ୍ଦ୍ରାପଡ଼ାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ତାଙ୍କୁ ଅନୁରୋଧ କରାଗଲା କି ଉକ୍ତ ବିଜ୍ଞାପନ ବ୍ଲକ କାର୍ଯ୍ୟାଳୟ ବିଜ୍ଞାପନ ଫଳକ, ସମ୍ପୃକ୍ତ ଗ୍ରାମ ପଂଚାୟତ ବିଜ୍ଞାପନ ଫଳକ ରେ ଫଳକରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଦର୍ଶାଇବେ ।

୧୮.୦୩.୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା .. ୪୨୬ /ତା ୧୮.୦୩.୨୦୨୫

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣାସ ମ୍ୟାନେଜର(DeGM), କଲେକ୍ଟରେଟ, କେନ୍ଦ୍ରାପଡ଼ାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ତାଙ୍କୁ ଅନୁରୋଧ କରାଗଲା କି ଉକ୍ତ ବିଜ୍ଞାପନକୁ ଜିଲ୍ଲା ୱେବସାଇଟ ରେ ପ୍ରକାଶିତ କରିବା ହେବେ ।

୧୮.୦୩.୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା .. ୪୨୮ /ତା ୧୮.୦୩.୨୦୨୫

ଏହାର ଏକକିତା ନକଲ ବ୍ଲକ ସ୍ତରୀୟ ଭିଜିଲାନ୍ସ କମିଟି /ଖୁଚୁରା ବିକ୍ରୟ କେନ୍ଦ୍ରସ୍ତରୀୟ ଭିଜିଲାନ୍ସ କମିଟିର ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ ସମ୍ପୃକ୍ତ କ୍ଷେତ୍ର ପରିଦର୍ଶିକାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ନିର୍ଦ୍ଦେଶ ଦିଆଗଲା କି ଯେ ସମ୍ପୃକ୍ତ ଗ୍ରା.ପ ଅଧିନସ୍ତ ସମସ୍ତ ଅଙ୍ଗନ ୱାଡି କେନ୍ଦ୍ର ରେ ସର୍ବ ସାଧାରଣଙ୍କ ଅବଗତି ପ୍ରକାଶିତ କରିବା ହେବେ।

ଏହାର ଏକକିତା ନକଲ ଜିଲ୍ଲା ପଂଚାୟତ ଅଧିକାରୀ, କେନ୍ଦ୍ରାପଡ଼ା /ବରିଷ୍ଠ ଉପ -ନିବନ୍ଧକ ,କେନ୍ଦ୍ରାପଡ଼ା ମଣ୍ଡଳଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକି ତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , କେନ୍ଦ୍ରାପଡ଼ାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ତାଙ୍କୁ ଅନୁରୋଧ କରାଗଲା କି ଇଛୁକ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଜ୍ଞାପନ ଅନୁଯାୟୀ ଆବେଦନ ନିମନ୍ତେ ନୋଟିସ ବୋର୍ଡ ରେ ଦର୍ଶାଇବା ପଦକ୍ଷେପ ନେବେ ।

୧୮.୦୩.୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,

କେନ୍ଦ୍ରାପଡ଼ା

# Format EOI to be FPS

FPS Applied for ____________________________________________

1 SHG federation Address:-

Village :______________________, Post Office : ______________________

GP :______________________, Block : ______________________

District : ______________________, ICDS-Project:______________________

Pin:____________________ (Odisha)

2. Date of Formation____________________ Total Year. ____________________

3. Present Livelihoods Activity Under taken ______________________________

4. Saving Bank Account No:______________________________________

5. Bank Name: ______________________________, Branch:____________

IFSC Code:____________

6. Funds available at Savings Bank A/C.as on date-____________________

a. Regular Saving (Yes/ No)__________ Saving register will be verified____________________

b. Amount of Saving in RS.__________________ as on Date____ ______________

c. Maintaining meeting register (Yes/No) ______________, (Meeting register will be checked).

d. Cash Book maintained (Yes/No)______________. (Updated Cash Book will be verified)

e. Internal lending register maintained (Yes/No)______________

f. Loan register maintained (Yes/No)______________

g. WSHG/Federation is defaulter/NPA in Bank as per past record( Yes/No)______________

It will be verified by Concerned Banks.

h. Member of Federation. i.e. GPLF/BLF.(Yes/No)______________ Will be checked from Federation.(Attached Money Receipt)

i. WSHG/WSHG Federation ready to deposit licence Fees, Bank Guarantee as per guideline if Selected (Yes/No) ______________

j. WSHGs have Storage Facility, Electricity, Internet, Inverter, Computer (Yes/No)______________

7. Resolution for Expression of Interest for this FPS Activity must be attached. Otherwise Application will not be consideration.

**Declaration**:-

We the members of ______________________________ WSHG/ Federation declared the above information given by us is Correct, if any Wrong information will be found then our Application for EOI will be Cancelled.

Seal & Signature of Secretary

Seal & Signature of President

Mob.No:______________________

Mob. No.______________________